بسم الله الرحمٰن الرحيم

**ଖୁତ୍‌ବା ଜୁମା ୨୬ ଅଗଷ୍ଟ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

## ହ. ଅବୁ ବକର ର.ଅଙ୍କ କାଳରେ ଆରବ ସୀମା ବାହାରେ ବିରୋଧୀ ଆକ୍ରମଣକାରୀଙ୍କ ବିରୁଦ୍ଧରେ ହୋଇଥିବା ଯୁଦ୍ଧର ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଜାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ହ. ଅବୁ ବକର ର.ଅଙ୍କ ଖିଲାଫତ୍ କାଳରେ ସିରୀୟା ଅଭିମୁଖେ ପ୍ରେରିତ ସୈନ୍ୟବାହିନୀ ସଂପର୍କରେ ଚର୍ଚ୍ଚା ଚାଲିଥିଲା ଯାହାକି ଶତ୍ରୁକୁ ଅଯଥା ସୈନ୍ୟ ଚଢଉରୁ ରୋକିବା ପାଇଁ ପ୍ରେରଣ କରାଯାଇଥିଲା । ଗତ ଖୁତ୍‌ବାରେ ତିନିଜଣ ସାହାବଙ୍କର ଚର୍ଚ୍ଚା ହୋଇସାରିଥିଲା । ଚତୁର୍ଥ ସାହାବି ହେଉଛନ୍ତି ହ. ଅମର୍ ବିନ୍ ଆସ୍ ର.ଅ । ତାଙ୍କ ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ହ. ଅବୁ ବକର ର.ଅ ହ. ଅମର୍ ବିନ୍ ଆସ୍ ର.ଅଙ୍କ ନେତୃତ୍ୱରେ ସିରୀୟା ଅଭିମୁଖେ ଚତୁର୍ଥ ସୈନ୍ୟଦଳ ପ୍ରେରଣ କରିଥିଲେ । ହ. ଅବୁ ବକର ର.ଅ ହ. ଅମର୍ ବିନ୍ ଆସ୍ ର.ଅଙ୍କୁ ସିରୀୟା ପ୍ରେରଣ କରିବା ପୂର୍ବରୁ କଜାଆର ଏକ ଭୂଖଣ୍ଡରେ ସଦ୍‌କା (ଦାନ) ଅସୁଲ୍ କରିବା ପାଇଁ ଓ କର ଆଦାୟ କରିବା ପାଇଁ ନିଯୁକ୍ତ କରିଥିଲେ । କିନ୍ତୁ ଏହି ନିଷ୍ପତ୍ତି ନେବା ପରେ ହ. ଅମର୍ ବିନ୍ ଆସ୍ ର.ଅଙ୍କୁ ମଦିନାକୁ ଡକା ଗଲା ଏବଂ ତାଙ୍କୁ ଆଦେଶ ଦିଆଗଲା ଯେ, ମଦିନାରୁ ବାହାରକୁ ଯାଇ ଶିବିର ସ୍ଥାପନ କରନ୍ତୁ । ଯଦ୍ୱାରା ଲୋକମାନେ ତାଙ୍କ ସହିତ ଏକତ୍ରିତ ହେବେ । ଯେତେବେଳେ ଅମର୍ ବିନ୍ ଆସ୍ ର.ଅ ପ୍ରସ୍ଥାନ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ସେତେବେଳେ ହ. ଅବୁ ବକର ର.ଅ ଅମର୍ ବିନ୍ ଆସ୍ ର.ଅଙ୍କୁ ବିଦାୟ ଦେବା ପାଇଁ ବାହାରିଲେ ଏବଂ ତାଙ୍କୁ ତାଗିଦ୍‌ମୂଳକ ଉପଦେଶ ଦେଲେ । ହ. ଉମର୍ ବିନ୍ ଆସ୍ ର.ଅ ହ. ଅବୁ ବକର ର.ଅଙ୍କୁ କହିଲେ ଯେ, ହେ ଅବୁ ବକର ର.ଅ ! ଏହା ମୋ ପକ୍ଷେ କେତେ ଉତ୍ତମ ହୁଅନ୍ତା ଯେ, ମୁଁ ଆପଣ ର.ଅଙ୍କ ଧାରଣାକୁ ସତ୍ୟସିଦ୍ଧ କରି ଦେଖାଇ ଦେଇଥାଆନ୍ତି ଏବଂ ଆପଣ ର.ଅଙ୍କ ରାଏ ମୋ ସଂପର୍କରେ ଭୁଲ୍ ବୋଲି ପ୍ରମାଣିତ ହୋଇ ନଥାଆନ୍ତା ।

ହ. ଅମର୍ ବିନ୍ ଆସ୍ ର.ଅଙ୍କ ସୈନ୍ୟ ସଂଖ୍ୟା ପ୍ରାୟ ୬୦୦୦/୭୦୦୦ ଥିଲା ଏବଂ ତାଙ୍କର ଲକ୍ଷ୍ୟ ସ୍ଥଳ ପାଲେଷ୍ଟାଇନ୍ ଥିଲା । ସେ ଏକ ହଜାର ସଂଖ୍ୟକ ମୁଜାହିଦିନ୍ (ଜିହାଦ୍‌କାରୀ) ସୈନ୍ୟଦଳ ପ୍ରସ୍ତୁତ କଲେ ଏବଂ ହ. ଅବ୍‌ଦୁଲ୍ଲାଃ ର.ଅଙ୍କ ନେତୃତ୍ୱରେ ରୋମ୍ ଅଭିମୁଖେ ପ୍ରେରଣ କଲେ । ଏହି ସୈନ୍ୟ ଟୁକୁଡ଼ି ରୋମୀୟମାନଙ୍କ ସହିତ ଯାଇ ମିଶିଗଲା ଏବଂ ଶତ୍ରୁର ସମସ୍ତ ଶକ୍ତିକୁ ଖଣ୍ଡ ବିଖଣ୍ଡିତ କରି ସେମାନଙ୍କ ଉପରେ ବିଜୟ ପ୍ରାପ୍ତ କଲା ଏବଂ କେତେକ ବନ୍ଦୀମାନଙ୍କ ସହିତ ପ୍ରତ୍ୟାବର୍ତ୍ତନ କଲା । ହ. ଅମର୍ ର.ଅ ସେହି ବନ୍ଦୀମାନଙ୍କୁ ଯେତେବେଳେ ପଚରା ଉଚରା କଲେ ସେତବେଳେ ଏହା ଜାଣିବାକୁ ପାଇଲେ ଯେ, ରୋମୀୟ ସେନା ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ଏବଂ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି ସୂଚନା ଆଧାରରେ ଆପଣ ର.ଅ ସୈନ୍ୟଦଳକୁ ଆହୁରି ଶୃଙ୍ଖଳିତ, ପରିମାର୍ଜିତ ଓ ସଶକ୍ତ କଲେ । ଅତଏବ ରୋମୀୟ ସୈନ୍ୟ ଯେତେବେଳେ ମୁସଲମାନ ସୈନ୍ୟଦଳ ଉପରେ ଆକ୍ରମଣ କଲା ସେତେବେଳେ ମୁସଲମାନ ସୈନ୍ୟଦଳ ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହୋଇଗଲା ଏବଂ ସେମାନଙ୍କୁ ଫେରିଯିବା ପାଇଁ ବାଧ୍ୟ କରିଦେଇଥିଲା । ଏହାପରେ ସେମାନଙ୍କ ଉପରେ ପାଲଟା ଆକ୍ରମଣ କରି ଶତ୍ରୁମାନଙ୍କର ଶକ୍ତିକୁ ଧ୍ୱଂସ କରି ସେମାନଙ୍କୁ ରଣକ୍ଷେତ୍ର ଛାଡ଼ି ପଳାୟନ କରିବା ପାଇଁ ବାଧ୍ୟ କରି ଦେଇଥିଲା । ଇସ୍‌ଲାମୀୟ ସୈନ୍ୟଦଳ ଶତ୍ରୁର ପିଚ୍ଛା କଲା ଏବଂ ଉକ୍ତ ଯୁଦ୍ଧରେ ହଜାରରୁ ଉର୍ଦ୍ଧ୍ୱ ରୋମୀୟ ସୈନ୍ୟ ନିହତ ହେଲେ । ଏହିପରି ଭାବରେ ଉକ୍ତ ଯୁଦ୍ଧର ଅନ୍ତ ଘଟିଥିଲା ।

ରୋମ୍ ର ମହାରାଜା ହିର୍କଲ୍ ସେହି ଦିନମାନଙ୍କରେ ପାଲେଷ୍ଟାଇନ୍ ଠାରେ ଥିଲା । ଯେତେବେଳେ ତା'ଙ୍କୁ ମୁସଲମାନ ସୈନ୍ୟଦଳର ପ୍ରସ୍ତୁତି ସଂପର୍କରେ ସୂଚନା ମିଳିଲା ସେତେବେଳେ ସେ ସ୍ଥାନୀୟ ଅଧିପତିମାନଙ୍କୁ ଏକତ୍ରିତ କଲା ଏବଂ ସେମାନଙ୍କ ସମ୍ମୁଖରେ ଉତ୍ତେଜକ ଭାଷଣ ଦେଇ ସେମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇଲା । ପାଲେଷ୍ଟାଇନ୍ ଲୋକମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇ ସେ ଦମିଶ୍କ୍ ଆସିଲା ଏବଂ ସେଠାରେ ହିମସ୍ ଏବଂ ଅନ୍ତାକିୟା ପହଞ୍ଚିଲା । ପାଲେଷ୍ଟାଇନ୍ ଭଳି ସେ ସେହି ଅଞ୍ଚଳଗୁଡ଼ିକରେ ମଧ୍ୟ ଉତ୍ତେଜକମୂଳକ ଭାଷଣ ଦେଇ ସେଠାକାର ଲୋକମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଉସ୍କାଇଲା । ସେ ସ୍ୱୟଂ ଅନ୍ତାକିୟାକୁ ହେଡ୍‌କ୍ୱାର୍ଟର ରୂପେ ଗ୍ରହଣ କରି ମୁସଲମାନମାନଙ୍କ ବିରୁଦ୍ଧରେ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରିବାକୁ ଲାଗିଲା । ହିର୍କଲ୍ ନିକଟରେ ଅଧିକ ସେନାବାହିନୀ ରହିଥିଲା, ତେଣୁ ସେ ଏହି ଇଚ୍ଛା ପ୍ରକାଶ କଲା ଯେ, ମୁସଲମାନମାନଙ୍କର ପ୍ରତ୍ୟେକ ସୈନ୍ୟଦଳ ବିରୁଦ୍ଧରେ ପୃଥକ ପୃଥକ ସୈନ୍ୟଦଳ ପ୍ରେରଣ କରିବ । ଯଦ୍ୱାରା ମୁସଲମାନମାନଙ୍କର ସୈନ୍ୟଦଳର ପ୍ରତ୍ୟେକ ଭାଗକୁ ନିଜର ବିରୋଧୀଙ୍କ ମାଧ୍ୟମରେ ଦୁର୍ବଳ କରିଦେବ ।

ହ. ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ଯେତେବେଳେ ଯାବିୟା ନିକଟରେ ଥିଲେ ସେତେବେଳେ ତାଙ୍କ ନିକଟକୁ ଜଣେ ବ୍ୟକ୍ତି ଏହି ସୂଚନା ଆଣିଲା ଯେ, ହିର୍କଲ୍ ଅନ୍ତାକିୟା ଠାରେ ଅଛି ଏବଂ ସେ ତୁମ ବିପକ୍ଷରେ ଏତେ ବିଶାଳ ସଂଖ୍ୟକ ସୈନ୍ୟବାହିନୀ ପ୍ରସ୍ତୁତ କରିଛି ଯେ, ସେ ଏହା ପୂର୍ବରୁ ଏତେ ବିଶାଳ ସଂଖ୍ୟକ ସୈନ୍ୟ ବାହିନୀ କେବେ ଏକତ୍ରିତ କରି ନଥିଲା । ଅତଃ ହ. ଅବୁ ବକର ର.ଅଙ୍କୁ ଏକ ପତ୍ର ମାଧ୍ୟମରେ ରୋମ୍‌ର ମହାରାଜାର ଦୃଢ ଉଦ୍ଦେଶ୍ୟ ସଂକ୍ରାନ୍ତରେ ଅବଗତ କରାଇଲା । ହ. ଅବୁ ବକର ର.ଅ ପ୍ରତ୍ୟୁତ୍ତରରେ କହିଲେ ଯେ, ଅନ୍ତାକିୟା ଠାରେ ତା'ର ଅବସ୍ଥାନ କରିବା ତା'ର ଓ ତା' ସାଥିମାନଙ୍କର ପରାଜୟ ଏବଂ ତୁମର ଓ ମୁସଲମାମାନଙ୍କ ବିଜୟର ସାର ହେବ ।

ହ. ଅମର୍ ବିନ୍ ଆସ୍ ର.ଅ ମଧ୍ୟ ହ. ଅବୁ ବକର ର.ଅଙ୍କ ନିକଟକୁ ପତ୍ର ଲେଖିଲେ, ପ୍ରତ୍ୟୁତ୍ତରରେ ହ. ଅବୁ ବକର ର.ଅ କହିଲେ ଯେ, ତୁମର ପତ୍ର ମୋତେ ପ୍ରାପ୍ତ ହୋଇଛି ଯହିଁରେ ତୁମେ ରୋମୀୟ ସୈନ୍ୟମାନଙ୍କ ଏକତ୍ରିତ ହେବା ସଂପର୍କରେ ଚର୍ଚ୍ଚା କରିଥିଲ । ତେଣୁ ତୁମକୁ ଏକଥା ଜ୍ଞାତ ରହୁ କି ଅଲ୍ଲାଃତାଲା ନିଜର ନବୀ ଆଁହଜରତ ସ.ଅଙ୍କ ସହିତ ସଂଖ୍ୟା ବହୁଳ ଏବଂ ବିଶାଳ ସୈନ୍ୟବାହିନୀ ଯୋଗୁଁ ଆମମାନଙ୍କୁ ବିଜୟ ପ୍ରଦାନ କରି ନଥିଲେ । ଆମମାନଙ୍କର ତ' ଏହି ଅଭିଳାଷା ଥିଲା ଯେ, ଆମେମାନେ ଆଁହଜରତ ସ.ଅଙ୍କ ସହିତ ମିଶି ଜିହାଦ୍ କରିଥାଆନ୍ତୁ ଏବଂ ଆମ ନିକଟରେ ମାତ୍ର ଦୁଇଗୋଟି ଅଶ୍ୱ ଥିଲା ଏବଂ ଓଟ ଉପରେ ମଧ୍ୟ ପାଳି କରି ଆମେମାନେ ଚଢୁଥିଲୁ । କିନ୍ତୁ ଏସବୁ ସତ୍ତ୍ୱେ ଅଲ୍ଲାଃତାଲା ଆମମାନଙ୍କୁ ଆମର ଶତ୍ରୁଙ୍କ ଉପରେ ବିଜୟ ପ୍ରଦାନ କରୁଥିଲେ ଏବଂ ଆମମାନଙ୍କର ସାହାଯ୍ୟ ମଧ୍ୟ କରୁଥିଲେ ।

ହ. ୟଜିଦ୍ ବିନ୍ ଅବୁ ସୁଫିୟାନ ର.ଅ ମଧ୍ୟ ସେଠାକାର ଅବସ୍ଥା ସଂପର୍କରେ ଉଲ୍ଲେଖ କରି ହ. ଅବୁ ବକର ର.ଅଙ୍କ ଠାରୁ ସାହାଯ୍ୟ ଲୋଡ଼ିଲେ । ପ୍ରତ୍ୟୁତ୍ତର ସ୍ୱରୂପ ହ. ଅବୁ ବକର ର.ଅ ଏହା ଉଲ୍ଲେଖ କଲେ ; ତୁମମାନଙ୍କର ଯେତେବେଳେ ଶତ୍ରୁ ସହିତ ମୁକାବିଲା ହେବ ସେତେବେଳେ ତୁମେମାନେ ନିଜ ସାଥିମାନଙ୍କୁ ଧରି ସେମାନଙ୍କ ଉପରେ ଆକ୍ରମଣ କରିଦେବ ଓ ଯୁଦ୍ଧ ଲଢିବ ଏବଂ ଏହି ବିଶ୍ୱାସ ରଖିବ ଯେ, ଅଲ୍ଲାଃତାଲା ତୁମକୁ କଦାପି ତିରସ୍କୃତ କରିବେ ନାହିଁ। ଅଲ୍ଲାଃତାଲା ମୋତେ ଏହି ସୂଚନା ପ୍ରଦାନ କରିଛନ୍ତି ଯେ, ଅଲ୍ଲାଃତାଲାଙ୍କ ଆଦେଶରୁ ହିଁ ସ୍ୱଳ୍ପ ସଂଖ୍ୟକ ସୈନ୍ୟବାହିନୀ ବିଶାଳ ସୈନ୍ୟବାହିନୀ ଉପରେ ବିଜୟ ପ୍ରାପ୍ତ କରିନେଇଥାଏ ଏବଂ ଏସବୁ ସତ୍ତ୍ୱେ ମଧ୍ୟ ମୁଁ ତୁମମାନଙ୍କ ସାହାଯ୍ୟ ପାଇଁ ସୈନ୍ୟ ଦଳ ପରେ ସୈନ୍ୟ ଦଳ ପ୍ରେରଣ କରୁଛି । ଏପର୍ଯ୍ୟନ୍ତକି ଏହି ସୈନ୍ୟଦଳଗୁଡ଼ିକ ତୁମମାନଙ୍କ ନିମନ୍ତେ ଯଥେଷ୍ଟ ଏବଂ ପର୍ଯ୍ୟାପ୍ତ ହୋଇଯିବେ ଓ ଅତିରିକ୍ତ ସୈନ୍ୟବାହିନୀଙ୍କର ଆଉ ଲୋଡ଼ା ରହିବ ନାହିଁ ।

ହ. ଅବୁ ବକର ର.ଅ ହ. ହାଶିମ୍ ବିନ୍ ଅତ୍‌ବାଙ୍କୁ ଇସ୍‌ଲାମୀୟ ସୈନ୍ୟବାହିନୀର ସାହାଯ୍ୟ କରିବା ନିମନ୍ତେ ସିରୀୟା ଯିବା ପାଇଁ ଆଦେଶ ଦେଇ କହିଲେ ଯେ, ମୁସଲମାନମାନେ ମୋତେ ପତ୍ର ଲେଖି ନିଜର ଅବିଶ୍ୱାସକାରୀ ଶତ୍ରୁଙ୍କ ବିରୁଦ୍ଧରେ ସାହାଯ୍ୟ ଲୋଡ଼ିଛନ୍ତି । ତେଣୁ ତୁମେମାନେ ନିଜର ସାଥିମାନଙ୍କୁ ସାଙ୍ଗରେ ଧରି ସେମାନଙ୍କ ନିକଟକୁ ତୁରନ୍ତ ଯାଇ ପହଞ୍ଚ । ମୁଁ ଲୋକମାନଙ୍କୁ ତୁମମାନଙ୍କ ସହିତ ଯିବା ପାଇଁ ପ୍ରସ୍ତୁତ କରୁଛି । ତେଣୁ ତୁମେମାନେ ଏଠାରୁ ପ୍ରସ୍ଥାନ କର ଏପର୍ଯ୍ୟନ୍ତକି ତୁମେମାନେ ହ. ଅବୁ ଉବୈଦାହ୍ ର.ଅଙ୍କ ସହିତ ଯାଇ ମିଶିଯିବ ।

ହ. ଅବୁ ବକର ର.ଅ ହ. ସଇଦ୍ ବିନ୍ ଆମିର୍ ବିନ୍ ହୁଜୈମ୍ ର.ଅଙ୍କୁ ସିରୀୟା ଜିହାଦ୍ ନିମନ୍ତେ ପ୍ରେରଣ କରିବାକୁ ଚାହୁଁଛନ୍ତି । ଆପଣ ର.ଅ ହ. ଅବୁ ବକର ର.ଅଙ୍କ ପାଖକୁ ଆସିଲେ ଏବଂ ସିରୀୟା ଅଭିଯାନ ସଂକ୍ରାନ୍ତରେ ନିଜର

ଅନୁରୋଧ ଉପସ୍ଥାପିତ କଲେ ଏବଂ ଏହି ଜିହାଦ୍‌ରେ ସାମିଲ୍ ହେବା ପାଇଁ ଇଚ୍ଛା ପ୍ରକାଶ କଲେ । ଅତଃ ହ. ଅବୁ ବକର ର.ଅ ଆପଣ ର.ଅଙ୍କୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ପାଇଁ ଆଦେଶ ଦେଇ କହିଲେ ଯେ, ମୁଁ ସିରୀୟା ଅଭିମୁଖେ ମୁସଲମାନମାନଙ୍କର ଏକ ସୈନ୍ୟବାହିନୀ ପ୍ରେରଣ କରିବାକୁ ଯାଉଛି ଏବଂ ତୁମକୁ ସେହି ସୈନ୍ୟଦଳର ଅମୀର ନିଯୁକ୍ତ କରୁଛି । ସୁତରାଂ ଆପଣ ର.ଅ ହ. ବିଲାଲ୍ ର.ଅଙ୍କୁ ଲୋକମାନଙ୍କ ମଧ୍ୟରେ ଏହି ଘୋଷଣା କରିବା ପାଇଁ ଆଦେଶ ଦେଲେ ।

ହ. ସଇଦ୍ ର.ଅ ଯେତେବେଳେ ପ୍ରସ୍ଥାନ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ସେତେବେଳେ ହ. ବିଲାଲ୍ ର.ଅ ହ. ଅବୁ ବକର ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ଯେ, ଆପଣ ମୋତେ ଅନୁମତି ପ୍ରଦାନ କରନ୍ତୁ ଯେ, ମୁଁ ନିଜ ପାଳନକର୍ତ୍ତାଙ୍କ ମାର୍ଗରେ ଜିହାଦ୍ କରିବି । ବସି ରହିବା ଅପେକ୍ଷା ମୁଁ ଜିହାଦ୍ କରିବା ଅଧିକ ଶ୍ରେୟସ୍କର ବୋଲି ମନେକରୁଛି । ଏହା ଶୁଣି ଆପଣ ର.ଅ ଆଦେଶ ଦେଲେ : ତୁମର ଯଦି ଜିହାଦ୍ କରିବା ପାଇଁ ଏତେ ଅଭିଳାଷା ରହିଛି ତେବେ ମୁଁ ତୁମକୁ ବସି ରହିବା ପାଇଁ କେବେବି କହିବି ନାହିଁ । ବରଂ ମୁଁ ତୁମକୁ କେବଳ ଏତିକି କହୁଛି ଯେ, ତୁମେ ଅଜାନ୍ ଦିଅ । ହେ ବିଲାଲ୍ ! ମୋତେ ତୁମର ବିରହତା ଯୋଗୁଁ ଭୟ ଅନୁଭବ ହେଉଛି । କିନ୍ତୁ ଏପରି ବିରହତା ଅତ୍ୟନ୍ତ ଆବଶ୍ୟକୀୟ ଅଟେ । କାରଣ ଏହି ବିରହ ପରେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଆଉ ତୁମ ସହିତ କେବେ ଭେଟ ହେବ ନାହିଁ । ହେ ବିଲାଲ୍ ! ତୁମେ ପୁଣ୍ୟ କର୍ମ କରୁଥିବ, ଏହି ସଂସାରରୁ ତୁମର ଜାଦେ ରାହ୍ (ଯାତ୍ରା ସାମଗ୍ରୀ) ଏବଂ ଯେପର୍ଯ୍ୟନ୍ତ ତୁମେ ଜୀବିତ ଥିବ ସେପର୍ଯ୍ୟନ୍ତ ତୁମର ସ୍ମୃତି ସେହିପରି ସ୍ମରଣ ରହିଥିବ । ଯେତେବେଳେ ତୁମେ ମୃତ୍ୟୁବରଣ କର ସେତେବେଳେ ଅଲ୍ଲାଃତାଲା ତୁମକୁ ଅବଶ୍ୟ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରିବେ । ହ. ବିଲାଲ୍ ର.ଅ କହିଲେ : ହେ ଅବୁ ବକର ! ଆଁହଜରତ ସ.ଅଙ୍କ ବିୟୋଗ ପରେ ମୁଁ ଆଉ କୌଣସି ବ୍ୟକ୍ତି ପାଇଁ ଅଜାନ୍ ଦେବାକୁ ଚାହୁଁନି । ସୁତରାଂ ଏହାପରେ ହ. ବିଲାଲ୍ ର.ଅ ହ. ସଇଦ୍ ବିନ୍ ଆମିର୍ ବିନ୍ ହୁଜୈମ୍‌ଙ୍କ ସହିତ ପ୍ରସ୍ଥାନ କଲେ ।

ଏହାପରେ ଜିହାଦି ପ୍ରତିନିଧିମଣ୍ଡଳଙ୍କ ମଦିନା ଆଗମନର ପରମ୍ପରା ଅବ୍ୟାହତ ରହିଲା ଏବଂ ହ. ଅବୁ ବକର ର.ଅଙ୍କ ନିକଟରେ ଆହୁରି ଲୋକମାନେ ଆସି ଏକତ୍ରିତ ହୋଇଗଲେ । ଅତଏବ ହ. ଅବୁ ବକର ର.ଅ ସେହି ଲୋକମାନଙ୍କ ଉପରେ ହ. ମୁଆୱିୟାଙ୍କୁ ଅମୀର୍ ରୂପେ ନିଯୁକ୍ତ କଲେ ଏବଂ ସେମାନଙ୍କୁ ନିଜର ଭାଇ ହ. ୟଜିଦ୍ ବିନ୍ ଅବୁ ସୁଫିୟାନ୍ ର.ଅଙ୍କ ସହିତ ମିଶିଯିବାର ଆଦେଶ ଦେଲେ । ଆପଣ ର.ଅ ବାହାରିପଡ଼ି ତାଙ୍କ ସହିତ ଯାଇ ମିଶିଗଲେ। ପୁନଶ୍ଚ ହ. ହମ୍‌ଜା ବିନ୍ ଅବୁ ବକର୍ ହମ୍‌ଦାନୀ ଏକ ହଜାର ବିଶିଷ୍ଟ ସଂଖ୍ୟକ ସୈନ୍ୟବାହିନୀ ଅବା ତତୋର୍ଦ୍ଧ୍ୱ ସୈନ୍ୟସାମନ୍ତ ଧରି ହ. ଅବୁ ବକର ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ର.ଅ ସେମାନଙ୍କର ସଂଖ୍ୟା ଏବଂ ସେମାନଙ୍କର ପ୍ରସ୍ତୁତି ଦେଖି ଅତ୍ୟନ୍ତ ପ୍ରସନ୍ନିତ ହେଲେ ଏବଂ କହିଲେ, ମୁଁ ତିନିଜଣ ଅମୀର ନିଯୁକ୍ତ କରିଛି । ତୁମେ ସେମାନଙ୍କ ମଧ୍ୟରୁ ଯାହା ସହିତ ଚାହିଁବ ଯାଇ ମିଶି ପାରିବ । ହ. ହମ୍‌ଜା ର.ଅ ମୁସଲମାନମାନଙ୍କ ଠାରୁ ଏହି ସୂଚନା ପ୍ରାପ୍ତ କରିବା ପରେ ହ. ଅବୁ ବକର ର.ଅଙ୍କ ଦ୍ୱାରା ପ୍ରେରିତ ତିନିଜଣ ଅମୀର୍‌ମାନଙ୍କ ମଧ୍ୟରୁ ସର୍ବୋଚ୍ଚ ତଥା ନବୀ କରୀମ୍ ସ.ଅଙ୍କ ସାହଚର୍ଯ୍ୟତା ଏବଂ ସାନ୍ନିଧ୍ୟତା ଲାଭ କରିଥିବା ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ବ୍ୟକ୍ତି ହ. ଅବୁ ଉବୈଦାହ୍ ବିନ୍ ଅଲ୍‌ଜର୍ରାହ୍ ର.ଅଙ୍କ ସହିତ ଯାଇ ମିଶିଗଲେ ।

ହ. ଅବୁ ଉବୈଦାହ୍ ର.ଅଙ୍କ ଅହରହ ପତ୍ର ଲେଖିବା ଫଳରେ ହ. ଖାଲିଦ୍ ବିନ୍ ୱଲିଦ୍‌ଙ୍କୁ ସିରୀୟା ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନେଲେ । ଯେତେବେଳେ ହ. ଅବୁ ବକର ର.ଅ ହ. ଅବୁ ଉବୈଦାହ୍ ର.ଅ ଇରାକ୍‌ରେ ଥିଲେ ସେତେବେଳେ ଆପଣ ର.ଅ ତାଙ୍କୁ ସିରୀୟା ଯିବା ପାଇଁ ଏବଂ ସେଠାରେ ଇସ୍‌ଲାମୀୟ ସୈନ୍ୟବାହିନୀର ସେନାପତିତ୍ୱ ଦାୟିତ୍ୱ ନିର୍ବାହ କରିବାର ଆଦେଶ ଦେଲେ ଏବଂ ହ. ଅବୁ ଉବୈଦାହ୍ ର.ଅଙ୍କୁ ଲେଖିଲେ ଯେ, ମୁଁ ସିରୀୟା ଯୁଦ୍ଧରେ ହ. ଖାଲିଦ୍ ର.ଅଙ୍କୁ ମୁସଲମାନମାନଙ୍କର ନେତୃତ୍ୱ ଏବଂ ଦାୟିତ୍ୱ ଭାର ଅର୍ପଣ କରିଦେଇଛି, ତୁମେ ତାଙ୍କର ବିରୁଦ୍ଧାଚରଣ କରିବ ନାହିଁ, ତାଙ୍କର କଥା ଶୁଣିବ ଓ ତାଙ୍କର ଆଜ୍ଞା ପାଳନ କରିବ । ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ମୁସଲମାନମାନଙ୍କ ସହିତ ବୁସ୍ରା ଠାରେ ପହଞ୍ଚିଲେ ସେତେବେଳେ ସମସ୍ତ ସୈନ୍ୟବାହିନୀ ଏଠାରେ ଏକତ୍ରିତ ହୋଇଗଲେ ଏବଂ ସମସ୍ତେ ଏଠାକାର ଯୁଦ୍ଧରେ ତାଙ୍କୁ ଅମୀର୍ ରୂପେ ବରଣ କଲେ । ସେ ସହରର ଘେରାଉ କଲେ ଏପର୍ଯ୍ୟନ୍ତକି ନଗରର ବାସିନ୍ଦାମାନେ ସନ୍ଧି ସ୍ଥାପନ କଲେ ଯେ, ସେମାନେ ମୁସଲମାନମାନଙ୍କୁ କର ଦେବେ ଏବଂ ମୁସଲମାନମାନେ ସେମାନଙ୍କର ଧନ, ଜୀବନ ଏବଂ ସନ୍ତାନ ସନ୍ତତିଙ୍କୁ ସୁରକ୍ଷା ପ୍ରଦାନ କରିବେ ।

ହୁଜୁର ଅନୱର୍ ଅ.ବ କହିଲେ; ପୁନଶ୍ଚ ଏହାପରେ ଅଜ୍‌ନାଦୈନ୍ ବା ଅଜ୍‌ନାଦୀନ୍ ଯୁଦ୍ଧ ରହିଛି । ତତ୍‌ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ବୁସ୍ରା ବିଜୟ ପରେ ହ. ଖାଲିଦ୍ ର.ଅ, ହ. ଅବୁ ଉବୈଦାହ୍ ର.ଅ, ହ. ଶର ହୁବିଲ୍, ହ. ୟଜିଦ୍ ର.ଅଙ୍କୁ ସାଥିରେ ନେଇ ହ. ଅମର୍ ବିନ୍ ଆସ୍ ର.ଅଙ୍କୁ ସାହାଯ୍ୟ କରିବା ପାଇଁ ପାଲେଷ୍ଟାଇନ୍ ଅଭିମୁଖେ ପ୍ରସ୍ଥାନ କଲେ । ହ. ଉମର୍ ବିନ୍ ଆସ୍ ସେତେବେଳେ ପାଲେଷ୍ଟାଇନ୍‌ର ଗଡ଼ାଣିଆ ଅଞ୍ଚଳଗୁଡ଼ିକରେ ଅବସ୍ଥାନ କରିଥିଲେ ଏବଂ ଇସ୍‌ଲାମୀୟ ସୈନ୍ୟବାହିନୀ ତାଙ୍କ ସହିତ ଆସି ମିଶିବାକୁ ଚାହୁଁଥିଲା । କିନ୍ତୁ ରୋମୀୟ ସେନା ସେମାନଙ୍କର ପିଛା କରୁଥିଲା ଏବଂ ସେମାନଙ୍କୁ ଯୁଦ୍ଧ କରିବା ପାଇଁ ବାଧ୍ୟ କରୁଥିଲା । ରୋମୀୟମାନେ ମୁସଲମାନମାନଙ୍କର ଆଗମନ ସଂପର୍କରେ ଯେତେବେଳେ ଶୁଣିଲେ ସେତେବେଳେ ସେମାନେ ଅଜ୍‌ନାଦୈନ୍ ଠାରୁ ହଟିଗଲେ । ହ. ଅମର୍ ବିନ୍ ଆସ୍ ର.ଅ ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀ ସଂପର୍କରେ ଶୁଣିଲେ ସେତେବେଳେ ସେ ସେଠାରୁ ସଅଁଳ ବାହାରି ପଡ଼ିଲେ ଏପର୍ଯ୍ୟନ୍ତକି ମୁସଲମାନ ସୈନ୍ୟବାହିନୀ ସହିତ ଯାଇ ମିଶିଗଲେ । ପୁନଶ୍ଚ ଏହାପରେ ସମସ୍ତେ ଅଜନାଦୈନ୍ ନାମକ ସ୍ଥାନରେ ଏକତ୍ରିତ ହୋଇଗଲେ। ସେହିପରି ରୋମୀୟମାନଙ୍କ ସମ୍ମୁଖରେ ଧାଡ଼ି ବାନ୍ଧି ଛିଡ଼ା ହୋଇଗଲେ । ରୋମୀୟ ସେନାପତି ମୁସଲମାନ ସୈନ୍ୟଙ୍କୁ କିଛି ଉତ୍କୋଚମୂଳକ ପ୍ରସ୍ତାବ ଏବଂ ପ୍ରଲୋଭନ ଦେଇ ସେଠାରୁ ଚାଲି ଯିବା ପାଇଁ କହିଲା । ଯେତେବେଳେ ହ. ଖାଲିଦ୍ ର.ଅ ଏ ସଂପର୍କରେ ଶୁଣିଲେ ସେତେବେଳେ ସେମାନଙ୍କର ଏଭଳି ପ୍ରସ୍ତାବକୁ ତାଛଲ୍ୟ କରି ତାହାକୁ ପ୍ରତ୍ୟାଖାନ କରିଦେଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ବାହାରିଲେ ଏବଂ ସୈନ୍ୟଦଳକୁ ସଜାଡ଼ିଲେ । ହ. ଖାଲିଦ୍ ର.ଅ ଲୋକମାନଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କୁ ଜିହାଦ୍ କରିବା ପାଇଁ ଅନୁପ୍ରାଣିତ କରୁଥିଲେ ଏବଂ କୌଣସି ସ୍ଥାନରେ ସେ ରହୁ ନଥିଲେ । ସେହିପରି ସେ ଲୋକମାନଙ୍କୁ କହିଲେ ଯେ, ମୁଁ ଯେତେବେଳେ ଆକ୍ରମଣ କରିବି ସେତେବେଳେ ତୁମେମାନେ ମଧ୍ୟ ଆକ୍ରମଣ କରିଦେବ । ଏହାପରେ ଉଭୟ ସୈନ୍ୟଦଳ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ରୋମୀୟ ସୈନ୍ୟଦଳ ପଳାୟନ କରି ନିଜର ପ୍ରାଣ ରକ୍ଷା କଲେ । ମୁସଲମାନ ସୈନ୍ୟବାହିନୀର ଅମୀରକୁ ବିଶ୍ୱାସଘାତକତାପୂର୍ବକ ହତ୍ୟା କରିବାରେ ବିଫଳ ହେବା ଯୋଗୁଁ ରୋମୀୟ ଅମୀର ୱର୍ଦ୍ଦାନ୍ ହ. ଜରାର୍ ର.ଅ ଓ ତା'ର ସିପାହୀମାନଙ୍କ ହସ୍ତରୁ ହିଁ ନିଜର କୁପରିଣାମ ଭୋଗ କଲା । ଯେତେବେଳେ ରୋମୀୟମାନଙ୍କୁ ତତ୍‌ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନଙ୍କର ସେମାନେ ସାହାସ ହରାଇ ବସିଲେ । ଉକ୍ତ ଯୁଦ୍ଧରେ ରୋମୀୟ ସେନାର ସଂଖ୍ୟା ପ୍ରାୟ ଏକ ଲକ୍ଷ ଥିଲା । ଅପର ପକ୍ଷରେ ମୁସଲମାନ ସେନାର ସଂଖ୍ୟା ମାତ୍ର ୩୦ ହଜାର ଥିଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ମୁସଲମାନ ସୈନ୍ୟ ସଂଖ୍ୟା ୩୫ ହଜାର ଥିଲା । ଉକ୍ତ ଯୁଦ୍ଧରେ ୩ ହଜାର ରୋମୀୟ ସୈନ୍ୟ ନିହତ ହୋଇଥିଲେ ଏବଂ ସେମାନଙ୍କର ପରାଜିତ ସୈନ୍ୟବାହିନୀ ନାନା ସହରରେ ଆଶ୍ରୟ ନେବା ପାଇଁ ବାଧ୍ୟ ହୋଇଥିଲେ । ଅଜ୍‌ନାଦୈନ୍ ବିଜୟ ପରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ହ. ଅବୁ ବକର ର.ଅଙ୍କୁ ପତ୍ର ମାଧ୍ୟମରେ ଏହି ଶୁସମାଚାର ପ୍ରଦାନ କରିଥିଲେ ।

ଖୁତ୍‌ବାର ଅନ୍ତରେ ହୁଜୁର ଅନୱର୍ ଅ.ବ ଉକ୍ତ ସଂଶୟର ସ୍ୱଷ୍ଟୀକରଣ କରି ତାହାକୁ ଦୂର କରିଥିଲେ ଯେ, ଅଜ୍‌ନାଦୈନ୍ ଯୁଦ୍ଧ କେବେ ହୋଇଥିଲା । ସେହିପରି ହୁଜୁର ଅନୱର୍ ଅ.ବ କହିଲେ ଦମିଶ୍‌କ୍ ବିଜୟ ସଂପର୍କରେ ବିସ୍ତୃତ ବିବରଣୀ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

---

**ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯକୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍।**

**.......................................**

KHULASA KHUTBA JUMA HUZOOR ANWAR a.b.a

26th Aug 2022